# NATIONAL NEWS BULLETIN (ODIA)
## 4 July - 2024
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଆତଙ୍କବାଦ ମୁକାବିଲାକୁ ପ୍ରାଥମିକତା ଦିଆଯିବା ଉପରେ ଗୁରୁତ୍ୱାରୋପ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ଝାଡ଼ଖଣ୍ଡର ନୂତନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଜେ.ଏମ୍.ଏମ୍.ର କାର୍ଯ୍ୟକାରୀ ସଭାପତି ହେମନ୍ତ ସୋରେନ୍ ।
- ଷ୍ଟକ୍ ବଜାରରେ ବୃଦ୍ଧି ପାଉଥିବା କାରବାର ଦୃଷ୍ଟିରୁ ପ୍ରତିଭୂତିନିୟାମକ କର୍ତ୍ତୃପକ୍ଷ ସନ୍ତୁଳନ ବଜାୟ ରଖିବା ନେଇ ପରାମର୍ଶ ଦେଲେ ପ୍ରଧାନ ବିଚାରପତି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ।
- ବନ୍ୟା ପ୍ରଭାବିତ ଆସାମ ଏବଂ ଅରୁଣାଚଳ ପ୍ରଦେଶର ରିଲିଫ୍ ଅଭିଯାନରେ ଭାରତୀୟ ସେନା ସାମିଲ ।

ଏବଂ

- ଦେଶର ଆକାଂକ୍ଷି ଜିଲ୍ଲା ଓ ବ୍ଲକ୍ ଗୁଡ଼ିକରେ ୬ଟି ପ୍ରମୁଖ ମାନକକୁ ହାସଲ କରିବା ଲକ୍ଷ୍ୟରେ ନିତି ଆୟୋଗଙ୍କ ପକ୍ଷରୁ ଆରମ୍ଭ ହେଲା ସମ୍ପୂର୍ଣ୍ଣତା ଅଭିଯାନ ।

# ପିଏମ୍-ରିମାର୍କସ୍ ଏସ୍‌ସିଓ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଆତଙ୍କବାଦୀ କାର୍ଯ୍ୟକଳାପକୁ ଯୁକ୍ତିଯୁକ୍ତ ବୋଲି ବର୍ଣ୍ଣନା କରାଯାଇ ପାରିବ ନାହିଁ ଏବଂ ଏହା ଅକ୍ଷମହୀନ । ଆତଙ୍କବାଦୀଙ୍କୁ ଆଶ୍ରୟ, ସହଯୋଗ ପ୍ରଦାନ କରୁଥିବା ଦେଶ ଗୁଡ଼ିକୁ ଆନ୍ତର୍ଜାତିକ ସମୂଦାୟ ବର୍ଜନ କରିବା ସହ ନିନ୍ଦା କରିବା ଉଚିତ୍ । କାଜାକାସ୍ତାନର ଅସ୍ତାନା ଠାରେ ଚାଲିଥିବା ସାଂଘାଇ ସହଯୋଗ ସଂଗଠନ - ଏସ୍.ସି.ଓ. ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କର ଏହି ମତ ଉପସ୍ଥାପନ କରାଯାଇଥିଲା । ବୈଠକରେ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କର ଏହି ମତକୁ ଉପସ୍ଥାପନ କରିଥିଲେ ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଆତଙ୍କବାଦର ମୁକାବିଲାକୁ ପ୍ରାଥମିକତା ଦିଆଯିବା ଦରକାର । ସାଂଘାଇ ସହଯୋଗ ସଂଗଠନର ଏହା ମଧ୍ୟ ମୂଳ ଲକ୍ଷ୍ୟ ବୋଲି ପ୍ରଧାନମନ୍ତ୍ରୀ ସୂଚାଇ ଦେଇଛନ୍ତି । ଏସ୍.ସି.ଓ. ଏକ ନୀତିଭିତ୍ତିକ ସଂଗଠନ ଏବଂ ଏହାର ନିଷ୍ପତ୍ତିକୁ ସଦସ୍ୟ ରାଷ୍ଟ୍ରମାନେ ସମ୍ମାନ ପ୍ରଦର୍ଶନ କରିଥାନ୍ତି । ଶ୍ରୀ ମୋଦୀ କହିଛନ୍ତି, ସୀମାପାର ଆତଙ୍କବାଦକୁ ଦୃଢ଼ ଜବାବ ଦେବାର ଆବଶ୍ୟକତା ରହିଛି । ଆତଙ୍କବାଦକୁ ପାଣ୍ଠି ଯୋଗାଣ ଏବଂ ସେମାନଙ୍କର ସଦସ୍ୟତା ବୃଦ୍ଧିକୁ ଦୃଢ଼ ଭାବେ ମୁକାବିଲା କରିବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି ।

ଜଳବାୟୁ ପରିବର୍ତ୍ତନ ପ୍ରସଙ୍ଗରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି, ବିକଳ୍ପ ଇନ୍ଧନକୁ ପ୍ରୋତ୍ସାହନ ଦିଆଯିବା ଏବଂ ଜଳବାୟୁ ସହନଶୀଳ ଭିତ୍ତିଭୂମି ନିର୍ମାଣ ତଥା ଅଙ୍ଗାରକାମ୍ଳ ନିର୍ଗମନକୁ ହ୍ରାସ କରିବା ଦିଗରେ ସମସ୍ତେ କାର୍ଯ୍ୟ କରିବା ଉଚିତ୍ । ପ୍ରଯୁକ୍ତିବିଦ୍ୟାର ସୃଜନଶୀଳତାକୁ ସମାଜ କଲ୍ୟାଣ ତଥା ପ୍ରଗତିରେ ପ୍ରୟୋଗ କରାଯିବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । କୃତ୍ରିମ ବୁଦ୍ଧିମତା ଉପରେ ପ୍ରତ୍ୟେକ ଦେଶ ନୀତି ପ୍ରସ୍ତୁତ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

ଭାରତର ଅଧ୍ୟକ୍ଷତା ସମୟରେ ଅନୁଷ୍ଠିତ ଏସ୍.ସି.ଓ. ବୈଠକରେ ମିଲେଟସ୍ ଖାଦ୍ୟ ପ୍ରଦର୍ଶନ, ଚଳଚ୍ଚିତ୍ର ପ୍ରଦର୍ଶନୀ, ହସ୍ତଶିଳ୍ପ ମେଳା ଏବଂ ମିଳିତ ବୌଦ୍ଧ ଐତିହ୍ୟ ଉପରେ ବିଶେଷ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଶ୍ରୀ ମୋଦୀ କହିଛନ୍ତି, ଏହି ଶିଖର ସମ୍ମିଳନୀ ବସୁଧୈବ କୁଟୁମ୍ବକମ୍‌ର ଆଦର୍ଶକୁ ପ୍ରତିପାଦନ କରିଥାଏ ।

## ଭିପି-କେରଳା

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆସନ୍ତା ଶନିବାର ଠାରୁ ଦୁଇ ଦିନ ପାଇଁ କେରଳ ଗସ୍ତରେ ଯିବେ । ଶ୍ରୀ ଧନଖଡ଼ ଶନିବାର ଦିନ ଭାରତୀୟ ମହାକାଶ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନର ଦ୍ୱାଦଶ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ଦିକ୍ଷ୍ୟାନ୍ତ ଭାଷଣ ପ୍ରଦାନ କରିବେ । ମେଧାବୀ

ଛାତ୍ରଛାତ୍ରୀଙ୍କୁ ଏହି ଅବସରରେ ଅନୁଷ୍ଠାନର ଉତ୍କର୍ଷ ପଦକ ପ୍ରଦାନ କରିବାର କାର୍ଯ୍ୟସୂଚୀ ରହିଛି । ରବିବାର ଦିନ ଉପରାଷ୍ଟ୍ରପତି କୋଲାମ୍ ଓ ଅଷ୍ଟମୁଡି ଅଞ୍ଚଳ ଗସ୍ତ କରିବେ ।

## ପିଏମ୍-ରୁଷ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୮ ଏବଂ ୯ ତାରିଖରେ ଦୁଇ ଦିନିଆ ରୁଷ ଗସ୍ତରେ ଯିବେ । ବୈଦେଶିକ ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇ କହିଛି, ମସ୍କୋ ଠାରେ ଆୟୋଜିତ ହେବାକୁ ଥିବା ୨୨ତମ ଭାରତ ରୁଷିଆ ବାର୍ଷିକ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନ୍‌ଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀ ମୋଦୀ ଗସ୍ତରେ ଯାଉଛନ୍ତି । ଏହି ଗସ୍ତ ଅବସରରେ ଦୁଇ ନେତାଙ୍କ ମଧ୍ୟରେ ବିଭିନ୍ନ ଦ୍ୱିପାକ୍ଷିକ ତଥା ବୈଶ୍ୱିକ ପ୍ରସଙ୍ଗ ନେଇ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି ।

ପ୍ରଧାନମନ୍ତ୍ରୀ ୯ତାରିଖରେ ଦୁଇଦିନିଆ ଅଷ୍ଟ୍ରିୟା ଗସ୍ତରେ ଯିବେ । ଦୀର୍ଘ ୪୧ ବର୍ଷ ପରେ ଭାରତର ପ୍ରଧାନମନ୍ତ୍ରୀଙ୍କର ଏହା ପ୍ରଥମ ଅଷ୍ଟ୍ରିୟା ଗସ୍ତ । ଶ୍ରୀ ମୋଦୀ ଅଷ୍ଟ୍ରିୟା ରାଷ୍ଟ୍ରପତି ଆଲେକ୍‌ଜାଣ୍ଡାର୍ ଭାନ୍‌ଡର୍ ବେଲେନ୍ ଏବଂ ଚାନ୍‌ସେଲର କାର୍ଲ୍ ନେହାମର୍‌ଙ୍କ ସହ ସାକ୍ଷାତ ଆଲୋଚନା କରିବେ । ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ସେଠାରେ ବ୍ୟବସାୟୀ ଗୋଷ୍ଠୀଙ୍କ ବୈଠକରେ ଯୋଗ ଦେବାର କାର୍ଯ୍ୟସୂଚୀ ରହିଛି ।

# ଝାଡ଼କଣ୍ଡ-ନ୍ୟୁ ସିଏମ୍ ଓଥ୍

ଝାଡ଼ଖଣ୍ଡର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଜେ.ଏମ୍.ଏମ୍.ର କାର୍ଯ୍ୟକାରୀ ସଭାପତି ହେମନ୍ତ ସୋରେନ୍ ଆଜି ଶପଥ ଗ୍ରହଣ କରିଛନ୍ତି । ରାଜଭବନରେ ଆୟୋଜିତ ଏକ ନିରାଡ଼ମ୍ବର କାର୍ଯ୍ୟକ୍ରମରେ ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ୍ ଶ୍ରୀ ସୋରେନ୍‌ଙ୍କୁ  ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ଆର୍ଥିକ ହେର୍‌ଫେର୍ ମାମଲାରେ ଜେଲ୍‌ରେ ଥିବା ଶ୍ରୀ ସୋରେନ୍‌ଙ୍କୁ ହାଇକୋର୍ଟ ଜାମିନ୍ ପ୍ରଦାନ କରିବା ପରେ ଝାଡ଼ଖଣ୍ଡରେ  ଏହି ରାଜନୈତିକ ପରିବର୍ତ୍ତନ ହୋଇଛି । ଶ୍ରୀ ସୋରେନ୍ ତୃତୀୟଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କଲେ ।

ସୂଚନା ଯୋଗ୍ୟ ଆର୍ଥିକ ହେର୍‌ଫେର୍ ମାମଲାରେ ଗତ ଜାନୁଆରୀ ୩୧ ତାରିଖରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଶ୍ରୀ ସୋରେନ୍‌ଙ୍କୁ ଗିରଫ୍ କରିଥିଲା । ଏହା ପରେ ଝାଡ଼ଖଣ୍ଡର ଦ୍ୱାଦଶ ମୁଖ୍ୟମନ୍ତ୍ରୀ ଭାବେ ଚମ୍ପେଇ ସୋରେନ୍ ଦାୟିତ୍ୱ ନେଇଥିଲେ । ଝାଡ଼ଖଣ୍ଡରେ ଶାସକ ମେଣ୍ଟରେ ନେତୃତ୍ୱ ପରିବର୍ତ୍ତନ ନେଇ ଗତକାଲି ବିଧାୟକଦଳ ବୈଠକ ଅନୁଷ୍ଠିତ ହୋଇଥିଲା । ଚମ୍ପେଇ ସୋରେନ୍ ମୁଖ୍ୟମନ୍ତ୍ରୀ ପଦରୁ ଗତକାଲି ଇସ୍ତଫା ଦେବା ପରେ ହେମନ୍ତ ସୋରେନ୍ ରାଜ୍ୟପାଳଙ୍କ ନିକଟରେ ସରକାର ଗଠନ ନେଇ ଦାବି ଉପସ୍ଥାପନ କରିଥିଲେ ।

## ମହା-ସିଜେଆଇ

ପ୍ରଧାନ ବିଚାରପତି ଜଷ୍ଟିସ୍ ଡି.ଓ୍ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି, ଷ୍ଟକ୍ ବଜାରରେ ବୃଦ୍ଧି ପାଉଥିବା କାରବାର ଦୃଷ୍ଟିରୁ ପ୍ରତିଭୂତି ନିୟାମକ କର୍ତ୍ତୃପକ୍ଷ ସନ୍ତୁଳନ ବଜାୟ ରଖିବା ନେଇ ନିଶ୍ଚିତ କରିବାର ଆବଶ୍ୟକତା ରହିଛି । ମୁମ୍ବାଇ ଠାରେ ଆଜି ସିକ୍ୟୁରିଟିଜ୍ ଆପିଲେଟ୍ ଟ୍ରିବ୍ୟୁନାଲ୍‌ର ନୂତନ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିବା ଅବସରରେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ ସେବି ଏବଂ ଆପିଲେଟ୍ ଟ୍ରିବ୍ୟୁନାଲ୍ ଏ ନେଇ ସତର୍କତା ଅବଲମ୍ବନ କରିବେ ବୋଲି ଆଶା ପ୍ରକାଶ କରିଛନ୍ତି । ସୁରକ୍ଷିତ ଏବଂ ତ୍ୱରିତ ବିବାଦ ସମାଧାନର ପ୍ରଭାବଶାଳୀ ବ୍ୟବସ୍ଥା ଉପରେ ନିବେଶକ ଆସ୍ଥା ପ୍ରକଟ କରିଥାନ୍ତି ବୋଲି ସେ କହିଛନ୍ତି । ଆପିଲେଟ୍ ଟ୍ରିବ୍ୟୁନାଲ୍‌ରେ ଖାଲିପଡ଼ିଥିବା ପଦବୀ ଗୁଡ଼ିକ ପୂରଣ ଉପରେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଗୁରୁତ୍ୱାରୋପ କରିଥିଲେ । ଟ୍ରିବ୍ୟୁନାଲ୍‌ର ଏକ ନୂଆ ଓ୍ୱେବ୍‌ସାଇଟ୍‌କୁ ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଶୁଭାରମ୍ଭ କରିଛନ୍ତି ।

## ଆସାମ-ଫ୍ଲଡ୍

ଆସାମ ଧେମାଜି ଜିଲ୍ଲାର ଶିବଗୁଡ଼ି ଏବଂ ଅରୁଣାଚଳ ପ୍ରଦେଶ ପୂର୍ବ ସିଆଙ୍ଗ ଜିଲ୍ଲାର ମେର ଗ୍ରାମରେ ଭାରତୀୟ ସେନା ବନ୍ୟା ରିଲିଫ୍

ଅଭିଯାନରେ ସାମିଲ ହୋଇଛି । ପ୍ରଭାବିତ ଅଞ୍ଚଳରେ ରାଜ୍ୟ ବିପର୍ଯ୍ୟୟ ପ୍ରସମନ ବାହିନୀ ଏବଂ ସେନା ମିଳିତ ଭାବେ ୭୨ ଘଣ୍ଟାରୁ ଅଧିକ ସମୟ ଧରି ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ଜାରି ରଖିଛନ୍ତି । ୪୮ ଜଣ ନାଗରିକଙ୍କୁ ପ୍ରଭାବିତ ଅଞ୍ଚଳରୁ ସ୍ଥାନାନ୍ତର କରାଯାଇଛି । ଅସ୍ଥାୟୀ ଆଶ୍ରୟ ସ୍ଥଳୀରେ ପ୍ରଭାବିତ ଲୋକଙ୍କୁ ଖାଦ୍ୟ, ପାନୀୟ ଏବଂ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି ।

ଆସାମରେ ବନ୍ୟା ପରିସ୍ଥିତି ଏବେ ମଧ୍ୟ ଗମ୍ଭୀର ରହିଛି । ରାଜ୍ୟର ୨୯ଟି ଜିଲ୍ଲାର ୧୬ଲକ୍ଷରୁ ଅଧିକ ଲୋକ ବନ୍ୟାରେ ପ୍ରଭାବିତ ହୋଇଛନ୍ତି । ଗତ ୨୪ ଘଣ୍ଟା ମଧ୍ୟରେ ୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩ ଜଣ ନିଖୋଜ ଥିବା ଜଣାପଡ଼ିଛି । ରାଜ୍ୟରେ ବନ୍ୟା ଜନିତ ମୃତ୍ୟୁ ସଂଖ୍ୟା ୪୬କୁ ବୃଦ୍ଧି ପାଇଛି । ସୂଚନା ମୁତାବକ ୧୦୫ଟି ରାଜସ୍ୱ ଅଞ୍ଚଳର ୨ହଜାର ୮୦୦ଟି ଗ୍ରାମ ବନ୍ୟାରେ ପ୍ରାଭାବିତ ହୋଇଛି । ପ୍ରାୟ ୩୯ ହଜାର ୪୦୦ ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି ।

## ନିତି ଆୟୋଗ

ଦେଶର ଆକାଂକ୍ଷି ଜିଲ୍ଲା ଓ ବ୍ଲକ୍ ଗୁଡ଼ିକରେ ୬ଟି ପ୍ରମୁଖ ମାନକକୁ ହାସଲ କରିବା ଲକ୍ଷ୍ୟରେ ନିତି ଆୟୋଗ ଆଜିଠାରୁ ସମ୍ପୂର୍ଣ୍ଣତା ଅଭିଯାନ

ଆରମ୍ଭ କରିଛି । ଏହି ସୂଚକାଙ୍କ ଗୁଡ଼ିକ ହେଉଛି – ପ୍ରସବକାଳୀନ ଯତ୍ନ ପାଇଁ ଗର୍ଭବତୀ ମହିଳାଙ୍କ ପଞ୍ଜିକରଣ, ମଧୁମେହ ରୋଗ ଓ ଉଚ୍ଚରକ୍ତଚାପ ପାଇଁ ପରୀକ୍ଷଣ, ଆଇ.ସି.ଡି.ଏସ୍. କାର୍ଯ୍ୟକ୍ରମ ଅଧୀନରେ ଅତିରିକ୍ତ ପୋଷଣ ଗ୍ରହଣ କରୁଥିବା ଗର୍ଭବତୀ ମହିଳା, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଏବଂ ସ୍ୱୟଂସହାୟକ ଗୋଷ୍ଠୀ ପାଇଁ ପାଣ୍ଠି ପ୍ରଦାନ ଆଦି ଅନ୍ତର୍ଭୁକ୍ତ । ଏସବୁ କ୍ଷେତ୍ରରେ ଧାର୍ଯ୍ୟ ଲକ୍ଷ୍ୟକୁ ହାସଲ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ । ଆସନ୍ତା ସେପ୍ଟେମ୍ବର ମାସ ୩୦ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଜାରି ରହିବ ବୋଲି ନିତି ଆୟୋଗ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଅଭିଯାନ ଅବସରରେ ଲକ୍ଷ୍ୟ ହାସଲ ପାଇଁ ତିନି ମାସିଆ ରୋଡ୍ ମ୍ୟାପ୍ ପ୍ରସ୍ତୁତ, ପ୍ରତି ମାସରେ ଅଗ୍ରଗତି ନେଇ ସମୀକ୍ଷା ଏବଂ ସଚେତନତା କାର୍ଯ୍ୟକ୍ରମ ବିଭାଗୀୟ ଜିଲ୍ଲା ଅଧିକାରୀଙ୍କ ଦ୍ୱାରା କରାଯିବ ବୋଲି ନିତି ଆୟୋଗ କହିଛି ।

## ଧର୍ମେନ୍ଦ୍ର ପ୍ରଧାନ

୨୦୨୪-୨୫ ଶିକ୍ଷାବର୍ଷରୁ ତୃତୀୟ ଓ ଷଷ୍ଠ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ନୂତନ ପାଠ୍ୟପୁସ୍ତକ ପ୍ରଚଳନ କରାଯିବ । ଏହାର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ଶିକ୍ଷା ମନ୍ତ୍ରଣାଳୟ ସୂଚନା ଦେଇଛି । ତୃତୀୟ ଏବଂ ଷଷ୍ଠ ଶ୍ରେଣୀ ପାଇଁ ୯ଟି ପାଠ୍ୟପୁସ୍ତକ ଉପଲବ୍ଧ ହୋଇସାରିଛି ବୋଲି

ମନ୍ତ୍ରଣାଳୟ କହିଛି । ଅବଶିଷ୍ଟ ୮ଟି ପୁସ୍ତକ ଖୁବ୍ ଶୀଘ୍ର ଉପଲବ୍ଧ ହେବା ନେଇ ପ୍ରୟାସ ଜାରି ରହିଛି । ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଏନ୍.ସି.ଇ.ଆର୍.ଟି. ପାଠ୍ୟପୁସ୍ତକ ବିକାଶର ଅଗ୍ରଗତି ନେଇ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ନୂଆଦିଲ୍ଲୀ ଠାରେ ସମୀକ୍ଷା କରିଥିଲେ । ମନ୍ତ୍ରଣାଳୟ କହିଛି, ଏନ୍.ସି.ଇ.ଆର୍.ଟି. ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟପୁସ୍ତକ ପ୍ରସ୍ତୁତ କରୁଛି । ଜାତୀୟ ଶିକ୍ଷାନୀତି ୨୦୨୦ ଢାଞ୍ଚାରେ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯିବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଛି ବୋଲି ମନ୍ତ୍ରଣାଳୟ କହିଛି ।

## ପୁଡୁଚେର-ଫ୍ରେଞ୍ଚ ଇଲେକ୍ସନ୍

ଫ୍ରାନ୍ସର ସଂସଦୀୟ ନିର୍ବାଚନ ପରିପ୍ରେକ୍ଷୀରେ ପୁଡୁଚେରୀରେ ବସବାସ କରୁଥିବା ପ୍ରବାସୀ ଫ୍ରାନ୍ସ ନାଗରୀକ ପ୍ରଥମ ପର୍ଯ୍ୟାୟରେ ଗତ ୩୦ ତାରିଖ ଦିନ ମତ ଦେଇଥିଲେ । ଏହି ମତଦାନରେ ପୁଡୁଚେରୀ କରାଇକାଲ, ତାମିଲନାଡୁ ଏବଂ କେରଳରେ ବସବାସ କରୁଥିବା ମୋଟ୍ ୪ହଜାର ୫୩୫ ଜଣ ଭୋଟରଙ୍କ ମଧ୍ୟରୁ ୮୭୭ ଜଣଙ୍କର ଭୋଟ୍ ବୈଧ ରହିଥିଲା । ଆସନ୍ତା ୭ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ ।